# ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ କର୍ମଶାଳା

ଢେଙ୍କାନାଳ ତା. ୨୧.୧୧.୨୦୧୯: ଢେଙ୍କାନାଳ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଅଦ୍ୟ ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ ମତ୍ସ୍ୟ ପୋଖରୀ ଯୋଜନାରେ ଉପକୃତ ହୋଇଥିବା ମତ୍ସ୍ୟଚାଷୀ-ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଅଛି । ଜିଲ୍ଲା ମତ୍ସ୍ୟ ବିଭାଗର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସଭାପତିତ୍ୱରେ ପ୍ରାୟ ୪୦ ଜଣ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଦୀପ୍ତି କୁମାର ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ ଉପରେ ଆଲୋଚନା କରିଥିଲେ । ମିଶନ୍ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜିକା ମୋନାଲିସା ଭଞ୍ଜ ଗ୍ରାମ ପଞ୍ଚାୟତ ପୋଖରୀକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ମାନଙ୍କୁ ଦୀର୍ଘ ମିଆଦୀ ନିଲାମ ଦେଇ ମାଛଚାଷ କରିବା ଉପରେ ଆଲୋଚନା କରିଥିଲେ । ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଶତ୍ରୁଘ୍ନ ମହାନ୍ତି ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ଉପରେ ବିବରଣୀ ଦେଇଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ମନ୍ଦାକିନୀମାଳା ପ୍ରଧାନ ମତ୍ସ୍ୟ ଦିବସର ଆଭିମୁଖ୍ୟ ଉପରେ ବିବରଣୀ ଦେଇଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ, ଭୁବନ ବ୍ଲକ୍ ସ୍ୱପ୍ନାଲିପା ସାହୁ ବାୟୋଫ୍ଲକ୍ ମାଧ୍ୟମରେ ମାଛଚାଷ ଉପରେ ଆଲୋଚନା କରିଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ, ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଯ୍ୟାମୀ ବେହେରା ମାଛ ଜାଆଁଳ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଶେଷଦେବ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚାଷୀମାନେ ମାଛଚାଷରେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ । କାର୍ଯ୍ୟାଳୟର କନିଷ୍ଠ ସହାୟକ ଅଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

21.11.2019

ଜିଲ୍ଲା ମତ୍ସ୍ୟ ଅଧିକାରୀ,
Dist. Fisheries Officer ଢେଙ୍କାନାଳ
Dhenkanal